# ୨୭ରୁ ବିଜେଡ଼ିର କେନ୍ଦ୍ର ବିରୋଧୀ ଅଭିଯାନ

ଭୁବନେଶ୍ୱର, ତା ୨୦।୫ (ଭୁ.ପ୍ର)– କେନ୍ଦ୍ରର ବୈମାତୃକ ମନୋଭାବ ବିରୋଧରେ ଲୋକଙ୍କ ପାଖକୁ ଯିବ ବିଜୁ ଜନତାଦଳ । ଆଜି ଦଳୀୟ କାର୍ଯ୍ୟାଳୟଠାରେ ଦଳର ନବ ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କ ସମ୍ମିଳନୀରେ ଏହି ବିଷୟ ଘୋଷଣା କରିଛନ୍ତି ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କେନ୍ଦ୍ର ବିରୋଧରେ ଅଭିଯାନ ଆରମ୍ଭ ହେବ ମେ ମାସ ୨୭ ତାରିଖରୁ । ଅଭିଯାନର ନେତୃତ୍ୱ ନେବେ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ ସେହିଦିନଠାରୁ ବିଭିନ୍ନ ଜିଲା ଗସ୍ତ ଆରମ୍ଭ କରିବେ । ଗଞ୍ଜାମ ଜିଲାରୁ ଏହା ପ୍ରଥମେ ଆରମ୍ଭ ହେବ । କେନ୍ଦ୍ର ଓଡ଼ିଶା ପ୍ରତି କରୁଥିବା ପକ୍ଷପାତ ଆଚରଣକୁ ଲୋକଙ୍କ ଆଗରେ ଏହି ସମୟରେ ଉପସ୍ଥାପନ କରାଯିବ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓଡ଼ିଶାର ଯୁକ୍ତିଯୁକ୍ତ ଦାବି ସମ୍ପର୍କରେ ଆଜି ଉଲ୍ଲେଖ କରିଥିଲେ । ସେ କହିଥିଲେ "ଆମେ ବାରମ୍ବାର କେନ୍ଦ୍ରକୁ ଜଣାଉଛୁ । କେନ୍ଦ୍ରମନ୍ତ୍ରୀମାନଙ୍କୁ ସାକ୍ଷାତ କରି ଓଡ଼ିଶାକୁ ଅଧିକ ଅର୍ଥ ଦେବାକୁ ଅନୁରୋଧ କରୁଛୁ । କିନ୍ତୁ ଇଂରେଜୀ ଢ଼ାଞ୍ଚାରେ ଶାସନ କରୁଥିବା ଏହି କେନ୍ଦ୍ରମନ୍ତ୍ରୀମାନେ ଓଡ଼ିଶାର କୌଣସି ଦାବିକୁ ଗ୍ରହଣ କରୁନାହାନ୍ତି । ସବୁବେଳେ ହେବ ବୋଲି କହୁଛନ୍ତି, କିନ୍ତୁ କିଛି ହେଉନାହିଁ । କିନ୍ତୁ ଆଉ ନୁହେଁ, ଓଡ଼ିଶା ଥାଳ ଧରି ଅନୁଦାନ ପାଇବା ଲାଗି କେନ୍ଦ୍ର ପାଖକୁ ଆଉ ଦୌଡ଼ିବ ନାହିଁ । "ଆମେ ଯାହା କରିବୁ ନିଜ ଅର୍ଥରେ କରିବୁ ବୋଲି'' କେନ୍ଦ୍ରକୁ ସୂଚେଇ ଦେଇଥିଲେ ଶ୍ରୀ ପଟ୍ଟନାୟକ । ଓଡ଼ିଶା ପ୍ରତି

## ଓଡ଼ିଶା ଭିକ୍ଷାଥାଳ ଧରି କେନ୍ଦ୍ର ପାଖକୁ ଯିବନାହିଁ: ନବୀନ

କେନ୍ଦ୍ରର ଥିବା ସିକ୍ରେଟ ଏଜେଣ୍ଡା ସମ୍ପର୍କରେ ଉଲ୍ଲେଖ କରିଥିଲେ ଶ୍ରୀ ପଟ୍ଟନାୟକ । ସେ କହିଥିଲେ "ରାଜୀବ ଗାନ୍ଧୀ ବିଦ୍ୟୁତ କରଣ ଯୋଜନାରେ ଦେଶରେ ୫୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ମାତ୍ର ଓଡ଼ିଶାକୁ ସେଥିରୁ ମିଳିଛି ୧୭ କୋଟି ଟଙ୍କା । ସେ ପୁଣି ୨ଟି ଜିଲାକୁ । ସେହିପରି ଓଡ଼ିଶା ମାଟିର କୋଇଲା । କିନ୍ତୁ କୋଲ ବ୍ଲକ ମିଳୁଛି ଅନ୍ୟରାଜ୍ୟକୁ । ଓଡ଼ିଶା ପାଇଁ କୋଲ ବ୍ଲକ ମିଳିବାକୁ ନାହିଁ । କୋଇଲା ରୟାଲିଟିରୁ ଆସୁଥିବା ୧୦୦୦ କୋଟି ଟଙ୍କା କେନ୍ଦ୍ରକୁ ଯାଉଛି । କେନ୍ଦ୍ର ସେଥିରୁ ଓଡ଼ିଶାକୁ କିଛି ଦେଉନାହିଁ । ରାଜ୍ୟର ଶିକ୍ଷାର ପ୍ରସାର ପାଇଁ କେନ୍ଦ୍ର ଯେତିକି ଅର୍ଥ ଦେଉଛି, ତା'ଠାରୁ ଅଧିକ ୫ ଗୁଣା ଅର୍ଥ ମିଳୁଛି ଆନ୍ଧ୍ରର କଂଗ୍ରେସ ନେତୃତ୍ୱାଧୀନ ସରକାରକୁ । ଆଇଆଇଟି ପ୍ରତିଷ୍ଠା ହେଉଛି ଅନ୍ୟ ରାଜ୍ୟରେ । ଓଡ଼ିଶା ପାଇଁ ପ୍ରତିଶ୍ରୁତି ଦିଆଯାଇ ପାଳନ କରାଯାଉନାହିଁ ।'' ଏହାକୁ କେନ୍ଦ୍ରର ସିକ୍ରେଟ ଏଜେଣ୍ଡା ବୋଲି ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଲେ ଯେ ନିର୍ବାଚନକୁ ଆଖିରେ ରଖି ରାଜନୀତି କାରଣରୁ କେନ୍ଦ୍ରର କଂଗ୍ରେସ ନେତୃତ୍ୱାଧୀନ ସରକାର ଏପରି କରୁଛି । ତେବେ ରାଜ୍ୟ ସରକାରଙ୍କ ଅର୍ଥରେ ପ୍ରତି ଗାଁକୁ ବିଜୁଳି ପାଇଁ ପଦକ୍ଷେପ ଗ୍ରହଣ କରାଯିବ ଓ ପ୍ରତ୍ୟେକ ଜିଲାରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ ଦଳର ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ନେତାମାନଙ୍କ କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇ ଦେଇଥିଲେ । ସେ କହିଥିଲେ "ସବୁବେଳେ ଗରିବ ଲୋକଙ୍କ ସାଥିରେ ରହ । ସେମାନଙ୍କ ଦୁଃଖ ସୁଖର ସାଥୀ ହୁଅ । ଦୁର୍ନୀତିଠାରୁ

● ପୃଷ୍ଠା ୨ ଦେଖନ୍ତୁ